The Odisha Gazette

EXTRAORDINARY

PUBLISHED BY AUTHORITY

No. 2937 CUTTACK, MONDAY, AUGUST 25, 2025/BHADRA 3, 1947

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

The 28th July 2025

S.R.O. No. 661/2025—ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ ବୌଦ୍ଧଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜ୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

୧. ପ୍ରକଳ୍ପ ବିକାଶକାରୀଙ୍କ ନାମ:- ଉପମୁଖ୍ୟ ଯନ୍ତ୍ରୀ ନିର୍ମାଣ ପୂର୍ବତଟ ରେଳପଥ ବୌଦ୍ଧ ।

୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣର ଉଦ୍ଦେଶ୍ୟ:- ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୩. SIA ସର୍ବେକ୍ଷଣ ଅନୁଷ୍ଠାନ:- M/s SRUSTI, Khordhaan empanelled agency under Nabakrushna Choudhary Centre for Development Studies, Bhubaneswar.

୪. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା:-Nabakrushna Choudhary Centre for Development Studies, Bhubaneswar, Phone No.0674 2300471, 2301094.

୫. ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ /ତଫସିଲ

କ୍ର.ନଂ	ତହସିଲ	ଗ୍ରାମ	ବେସରକାରୀ ଜମି	ସରକାରୀ ଜମି	ମନ୍ତବ୍ୟ
୧	ହରଭଙ୍ଗ	ବିରନରସିଂହପୁର(ଅତିରିକ୍ତ)	ଏ.୦.୧୫୦	-	-
	ମୋଟ		ଏ.୦.୧୫୦		

ଏଥିସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

(କ) ପ୍ରସ୍ତାବିତ ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ:-ବୌଦ୍ଧ ଜିଲ୍ଲା ହରଭଙ୍ଗ ତହସିଲ ଅନ୍ତର୍ଗତ ୦୧ ଗୋଟି ମୌଜା ଯଥା ବିରନରସିଂହପୁର(ଅତିରିକ୍ତ) ଠାରେ ମୋଟ **ଏ.୦.୧୫୦** ଘରୋଇ ଜମିରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ, ଉପମୁଖ୍ୟ ଯନ୍ତ୍ରୀ ନିର୍ମାଣ ପୂର୍ବତଟ ରେଳପଥ ବୌଦ୍ଧ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

(ଖ) SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :- ବୌଦ୍ଧ ଜିଲ୍ଲାରେ ଉପରୋକ୍ତ ୦୧ ଗୋଟି ମୌଜାରେ **୍ଏ.୦.୧୫୦** ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୁତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳିପାରିବ ।

(ଗ) ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ଯଦି ଏହି ଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ।

(ଘ) SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀଙ୍କ ପରାମର୍ଶକ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟରେ ସ୍ଥାନିତ ହେବ । ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜ୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ ର ନିୟମ-୧୪ ଦ୍ରଷ୍ଟବ୍ୟ ।

(ଙ) SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୩୦ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ । SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟରେ ସୂଚିତ ହେବ ।

ଜମିର ତାଲିକା

ପ୍ରସ୍ତାବିତ ଖୋର୍ଦ୍ଧାରୋଡ – ବଲାଙ୍ଗୀର ନୂତନ ରେଳପଥ ପ୍ରକଳ୍ପ

ଗ୍ରାମ – ବିରନରସିଂହପୁର (ଅତିରିକ୍ତ), ତହସିଲ – ବରଭଙ୍ଗା, ଥାନା-ବୌଦ୍ଧ (ନଂ ୩୦୭) ଜିଲ୍ଲା-ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

କ୍ରମିକ ନଂ	୧	୨	୩	୪	୫	୬
	ଖତିୟାନ ନଂ	**ପ୍ଲଟ ନଂ**	**ରକବା**	**ଅଧିଗ୍ରହଣ ରକବା**	**କିସମ**	**ଅଭିଲିଖିତ ରୟତ ନାମ**
୧	୨୮	୩୧୮	୦.୨୦୦	୦.୦୫୦	ଚକ	କୁନା ପରଦିଆ, ମୁନା ପରଦିଆ, ମିଟୁ ପରଦିଆ, କୁନି ଜେନ ପି- ଇନ୍ଦ୍ର ପରଦିଆ, ଉଲାପି ପରଦିଆ ପି-ସେସା ପରଦିଆ, କହନରା ପରଦିଆ ସ୍ୱା-ସେସା ପରଦିଆ, ନୌଦେଇ ପରଦିଆ ସ୍ୱା-ଇନ୍ଦ୍ର ପରଦିଆ
୨	୧୪୧	୩୧୭	୦.୩୨୦	୦.୦୫୦	ଚକ	ଭିକାରି ଗାଇଗୌରିଆ, ସମ୍ବୁନାଥ ଗାଇଗୌରିଆ ପି-ଧନେଶ୍ୱର ଗାଇଗୌରିଆ
୩	୨୧୨/୭୦	୩୩୨	୦.୩୪୦	୦.୦୫୦	ଶାରଦ ଜଳ-୨	ଦେବାଶିଷ ମହାକୁଡ, ପି-ପୂର୍ଣଚନ୍ଦ୍ର ମହାକୁଡ, ସଂଘମିତ୍ରା ମହାକୁଡ, ସ୍ୱା- ଦେବାଶିଷ ମହାକୁଡ
		ମୋଟ ଏ	**୦.୮୬୦**	**୦.୧୫୦**		

[No. 27708—RDM-LAB-BOUDH-0002/2025-R&DM]

ରାଜ୍ୟପାଳଙ୍କ ଆଦେଶକ୍ରମେ

ମଧୁସ୍ମିତା ସାହୁ

ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2147—173+25